# କବି

୧.
କିଛି କହି ନ ପାରିଲି
ଏଣୁ କହିଦେଲି
କହିଦେଲି ଯେ
କିଛି ରଖି ନ ପାରିଲି
ରଖି ପାରିଲିନି ବୋଲି
କିଛି ଭାବି ନ ପାରିଲି
ଭାବି ନ ପାରିଲି ବୋଲି
ଶେଷରେ ଭାବିଲି,
ଭାବିଲି, ଆଉ ଭାବିଲି
ଅଧୁନା କବି ବନିଗଲି
ଗୋଟାଏ ନିର୍ଧୁମ ପାଗଳ ॥

୨.
ଅକସ୍ମାତ ଧୁକା
ବାଡିପଟ ଦାଣ୍ଡ ଡିଏଁ
ବନ୍ଦ ତାଟି ଫାଙ୍କ
ଦେଇ ଝୁଲା ପଣତକୁ
ଭିଡି ଧରେ
ଟଣା ଓଟରାରେ
ବିବସ୍ତ୍ର ହୁଏ
ଚୁମା ଖାଏ
ତୁଙ୍ଗ ଝରକାରୁ
କ୍ରମଶଃ ମୁଁ କବି,
କବି ବନିଯାଏ ॥

ଦିଗମ୍ବର ପାତ୍ର